# ବିଭାଜନ ଏକ ବିଭୀଷିକା

**ଆଲେଖ୍ୟ : ପ୍ରକାଶ ଝା**

**(ଦୃଶ୍ୟ: ଏକ କାର୍ଯ୍ୟକ୍ରମ ଚାଲିଛି)**

**ଗୀତ: ଆସ ପିଲାଏ ଦେଖିବା ବସି, କାହାଣୀ ହିନ୍ଦୁସ୍ଥାନର...**
**ଏଇ ମାଟିକୁ ମଥାରେ ବୋଳ, ଏ ମାଟି ଯେ ବଳିଦାନର...**
**ବନ୍ଦେ ମାତରମ୍... ବନ୍ଦେ ମାତରମ୍...**
**ଆସ ପିଲାଏ ଦେଖିବା ବସି, କାହାଣୀ ହିନ୍ଦୁସ୍ଥାନର...**
**ଏଇ ମାଟିକୁ ମଥାରେ ବୋଳ, ଏ ମାଟି ଯେ ବଳିଦାନର...**
**ବନ୍ଦେ ମାତରମ୍... ବନ୍ଦେ ମାତରମ୍...**

**ଶିଶୁ: ଜେଜେ... ଜେଜେ ଶୁଣ ଏମାନେ କେତେ ସୁନ୍ଦର ଗୀତ ଗାଉଛନ୍ତି।**

**ଜେଜେ: ବନ୍ଦେ ମାତରମ୍... ବନ୍ଦେ ମାତରମ୍... ଏ ଶବ୍ଦ ହିଁ ଏମିତି ଯେ ବାରମ୍ବାର ଗାଇବାକୁ ଓ ଶୁଣିବାକୁ ଇଛା ହୁଏ।**

**ଶିଶୁ: ଜେଜେ... ଏମାନେ ଆଜି ଏ ଗୀତ କ'ଣ ପାଇଁ ଗାଉଛନ୍ତି?**

**ଜେଜେ: ଏମାନେ ୧୪ ଓ ୧୫ ଅଗଷ୍ଟ କାର୍ଯ୍ୟକ୍ରମର ପ୍ରସ୍ତୁତି ଚଳାଇଛନ୍ତି।**

**ଶିଶୁ: ୧୫ ଅଗଷ୍ଟରେ ତ ସ୍ୱାଧୀନତା ଦିବସ ମୁଁ ଜାଣେ। କିନ୍ତୁ ୧୪ ଅଗଷ୍ଟରେ କ'ଣ ଅଛି କି ଜେଜେ?**

**ଜେଜେ: ୧୪ ଅଗଷ୍ଟରେ ଆମ ଦେଶ ବିଭାଜନ ହୋଇଥିଲା, ତେଣୁ ଆମେ ସେ ଦିନକୁ 'ବିଭାଜନ ବିଭୀଷିକା ଦିବସ ସ୍ମୃତି ଦିବସ' ଭାବେ ପାଳନ କରୁ।**

**ଶିଶୁ: ଜେଜେ... ଏ 'ବିଭାଜନ ବିଭୀଷିକା' କ'ଣ?**

**ଜେଜେ: ବିଭାଜନ ଅର୍ଥ ତୁ ଜାଣିନୁ? ବିଭାଜନର ଅର୍ଥ ଯଦି ଜାଣିନୁ ତେବେ ବିଭୀଷିକାର ଅର୍ଥ କେମିତି ବା ବୁଝିବୁ?**

**ଆରେ ବାବୁ... ଆଗରୁ ଆମର ଏ ଦେଶ ବହୁତ ବଡ ଥିଲା। କିନ୍ତୁ ପରେ ଏହାର ବିଭାଜନ ହୋଇଗଲା।**

**ଶିଶୁ: ମାନେ ଦେଶକୁ ବାଣ୍ଟି ଦିଆଗଲା?**

ଜେଜେ: ହଁ, ବାଣ୍ଟି ଦିଆଗଲା। କିନ୍ତୁ ବାଣ୍ଟିବା ଆଉ ବିଭାଜନ ଦୁଇଟି ଅଲଗା ଜିନିଷ। ମନେକର ତୋ ପାଖରେ ଦଶଟି ଚକୋଲେଟ ଅଛି। ତୁ ଯଦି ସେଗୁଡ଼ିକୁ ଆମ ଭିତରେ ବାଣ୍ଟିବାକୁ ଚାହିଁବୁ ତେବେ କେମିତି ବାଣ୍ଟିବୁ? ତୁ ପାଞ୍ଚଟି ଲେଖାଏଁ ବାଣ୍ଟିଦେବୁ... ହେଲେ ଯଦି ତୋ ପାଖରେ ଗୋଟିଏ ଚକୋଲେଟ୍ ଅଛି... ତାହେଲେ କରିବୁ କ'ଣ?

ଶିଶୁ: ମୁଁ ତାକୁ ଭାଙ୍ଗି ଦୁଇଜଣଙ୍କ ଭିତରେ ବାଣ୍ଟିଦେବି।

ଜେଜେ: ହଁ... ଭାଙ୍ଗିଦେଇ ଖଣ୍ଡ ଖଣ୍ଡ କରିଦେବା ହେଉଛି ବିଭାଜନ। ଆଉ ସେଥିରୁ ଯେଉଁ ଦୁଃଖ କଷ୍ଟ ଜାତ ହୁଏ ତାହାକୁ କହନ୍ତି ବିଭୀଷିକା।

ଶିଶୁ: ଜେଜେ... ବିଭାଜନ କଥା ତ ବୁଝିଲି... କିନ୍ତୁ ବିଭୀଷିକା... ବିଭାଜନ ବିଭୀଷିକା...

ଜେଜେ: ଚାଲ ତତେ କହୁଛି...

ଗୀତ: ଆସ ପିଲାଏ ଦେଖିବା ବସି, କାହାଣୀ ହିନ୍ଦୁସ୍ଥାନର...
ଏଇ ମାଟିକୁ ମଥାରେ ବୋଳ, ଏ ମାଟି ଯେ ବଳିଦାନର...
ବନ୍ଦେ ମାତରମ୍... ବନ୍ଦେ ମାତରମ୍...
ଆସ ପିଲାଏ ଦେଖିବା ବସି, କାହାଣୀ ହିନ୍ଦୁସ୍ଥାନର...
ଏଇ ମାଟିକୁ ମଥାରେ ବୋଳ, ଏ ମାଟି ଯେ ବଳିଦାନର...
ବନ୍ଦେ ମାତରମ୍... ବନ୍ଦେ ମାତରମ୍...

ଶିଶୁ: ଜେଜେ... ମୋତେ ଭଲରେ କୁହ... ଏ ବିଭାଜନ ହେଲା କେମିତି...

ଜେଜେ: କହୁଛି... କହୁଛି... ବିଭାଜନ କଥା... ଆମ ଦେଶର ବିଭାଜନ କଥା କହୁଛି... ଧ୍ୟାନ ଦେଇ ଶୁଣ... ବିଭାଜନ ନେଇ ଐତିହାସିକଙ୍କ ଦୃଷ୍ଟିକୋଣକୁ ଭଲରେ ଶୁଣ... ଧ୍ୟାନ ଦେଇ ଶୁଣ ଆଉ ବୁଝିବାକୁ ଚେଷ୍ଟା କର...

ଗୀତ: ସେନେହ ଯାହାର ପାଣି ପବନେ
ସେନେହ ଯାହାର ପାଣି ପବନେ
ମୁଁ ସେଇ ମାଟିର ଗୀତ ଶୁଣାଏ
ଭାରତର ମୁଁ ଅଧିବାସୀ
ଭାରତର ମୁଁ ଗୁଣ ଗାଏ

ସେନେହ ଯାହାର ପାଣି ପବନେ।

ସୂତ୍ରଧର ୧: ଅଖଣ୍ଡ ଭାରତର ବିଭାଜନ ହେଉଛି ଅଭୂତପୂର୍ବ ମାନବ ବିସ୍ଥାପନ ଓ ବଳପୂର୍ବକ ପଳାୟନର ଏକ ଯନ୍ତ୍ରଣାଦାୟକ ଅଧ୍ୟାୟ।

ସୂତ୍ରଧର ୨: ଏହା ଏମିତି ଏକ ଘଟଣା ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ଅପରିଚିତଙ୍କ ଗହଳିରେ ବିଷମ ପରିସ୍ଥିତି ଭିତରେ ନୂଆ ବସତିର ସନ୍ଧାନ କରୁଥିଲେ।

ସୂତ୍ରଧର ୧: ଆସ୍ଥା ଓ ଧର୍ମ ଭିତ୍ତିରେ ହିଂସାତ୍ମକ ବିଭାଜନର କାହାଣୀ ଛଡ଼ା ଏମିତି ଏକ କାହାଣୀ ବି ରହିଛି ଯାହା...

ସୂତ୍ରଧର ୨: ଦର୍ଶାଏ କିପରି ଗୋଟିଏ ଜୀବନଶୈଳୀ ତଥା ଶହ ଶହ ବର୍ଷର ସହାବସ୍ଥାନର ଯୁଗ ନାଟକୀୟ ଢଙ୍ଗରେ ସମାପ୍ତ ହୋଇଗଲା।

ସୂତ୍ରଧର ୧: ପ୍ରାୟ ୬୦ ଲକ୍ଷ ହିନ୍ଦୁ, ଶିଖ ଓ ଅନ୍ୟ ସମ୍ପ୍ରଦାୟର ଲୋକ ଯେଉଁ ଅଞ୍ଚଳରୁ ଚାଲିଆସିଲେ ତାହା ପରବର୍ତ୍ତୀ ସମୟରେ ପଶ୍ଚିମ ପାକିସ୍ତାନରେ ପରିଣତ ହେଲା।

ସୂତ୍ରଧର ୨: ପଞ୍ଜାବ, ଦିଲ୍ଲୀ ଓ ଭାରତର ଅନେକ ସ୍ଥାନରୁ ୬୫ ଲକ୍ଷ ମୁସଲମାନ ପଶ୍ଚିମ ପାକିସ୍ତାନକୁ ଚାଲିଗଲେ।

ସୂତ୍ରଧର ୧: ୨୦ ଲକ୍ଷ ହିନ୍ଦୁ ଓ ଅନ୍ୟ ସମ୍ପ୍ରଦାୟର ଲୋକ ପୂର୍ବ ବଙ୍ଗ ଛାଡି ପଶ୍ଚିମବଙ୍ଗକୁ ଆସିଲେ, ଯାହା ପରବର୍ତ୍ତୀ ସମୟରେ ପୂର୍ବ ପାକିସ୍ତାନରେ ପରିଣତ ହେଲା।

ସୂତ୍ରଧର ୨: ୧୯୫୦ ମସିହାରେ ଆହୁରି ୨୦ ଲକ୍ଷ ହିନ୍ଦୁ ଓ ଅନ୍ୟ ସମ୍ପ୍ରଦାୟର ଲୋକ ପଶ୍ଚିମବଙ୍ଗକୁ ଆସିଲେ।

ସୂତ୍ରଧର ୧: ୧୦ ଲକ୍ଷ ମୁସଲମାନ ପଶ୍ଚିମବଙ୍ଗ ଛାଡ଼ି ପୂର୍ବ ପାକିସ୍ତାନକୁ ଗଲେ।

ସୂତ୍ରଧର ୨: ଏହି ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ପାଖାପାଖି ୫ ଲକ୍ଷ ବୋଲି କୁହାଯାଏ।

ସୂତ୍ରଧର ୧: କିନ୍ତୁ ଆକଳନ ଅନୁଯାୟୀ ଏହି ସଂଖ୍ୟା ୫ରୁ ୧୦ ଲକ୍ଷ ହେବ।

ସୂତ୍ରଧର ୨: କୁହାଯାଏ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମ୍ଭବତଃ ବିଭାଜନରେ ହିଁ ଧର୍ମ ନାମରେ ସବୁଠାରୁ ବ୍ୟାପକ ଗଣସଂହାର ଘଟିଥିଲା।

ସୂତ୍ରଧର ୧: କାଳ କାଳର ସାମାଜିକ ବନ୍ଧନ ଓ ବିଶ୍ୱାସର ସମ୍ପର୍କ ଭାଙ୍ଗିଗଲା।

ଗୀତ: ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା

ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା
ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।
ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।
ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା
ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା
ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।
ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।

ଶିଶୁ: ଜେଜେ... ଏହି ଲୋକମାନଙ୍କର ଘରଦ୍ୱାର ସବୁକିଛି ଚାଲିଯାଇଛି। ଏକଥା ଶୁଣିଲେ ହିଁ ବହୁତ ଡର ଲାଗୁଛି।

ଜେଜେ: ହଁ ଏସବୁ ତ ଖୁବ୍ ଭୟଙ୍କର କଥା। କଳ୍ପନା କର ସେ ସମୟରେ ଲୋକମାନେ କେତେ କ'ଣ ସହିନଥିବେ?

ଶିଶୁ: ଜେଜେ... ମୋ ଭଳି ପିଲାମାନେ ବି ତ ଥିବେ... ସେମାନଙ୍କର କ'ଣ ଅବସ୍ଥା ହୋଇଥିବ?

ଜେଜେ: ହଁ... ତୋ ଭଳି ଲକ୍ଷ ଲକ୍ଷ ପିଲା ବିଭୀଷିକାର ସେ ଦୃଶ୍ୟ ନିଜ ଆଖିରେ ଦେଖିଥିଲେ ଏବଂ ଆଜି ବି ସେହି ଦୃଶ୍ୟ ମନେ ପଡ଼ିଲେ ସେମାନେ ଥରି ଉଠନ୍ତି।

ଶିଶୁ: ଆଉ କ'ଣ ହୋଇଥିଲା କୁହ ନା ଜେଜେ...

ଜେଜେ: ହଁ କହୁଛି... ଶୁଣ...

ଗୀତ: ଏଇ ଯେ ସେଇ ବଙ୍ଗ ଭୂଇଁ, ସବୁଜିମାରେ ଭରା ଯା' ତନୁ
ଏହି ମାଟିର ବୀର ସନ୍ତାନ, ଦେଶ ପାଇଁ ସେ ପ୍ରାଣ ଢାଳଇ
ଆସ ପିଲାଏ ଦେଖିବା ବସି, କାହାଣୀ ହିନ୍ଦୁସ୍ଥାନର...
ଏଇ ମାଟିକୁ ମଥାରେ ବୋଳ, ଏ ମାଟି ଯେ ବଳିଦାନର...
ବନ୍ଦେ ମାତରମ୍... ବନ୍ଦେ ମାତରମ୍...

ଶିକ୍ଷକ: ସିଟ୍ ଡାଉନ୍...

ପିଲାମାନେ: ଗୁଡ୍ ମର୍ନିଙ୍ଗ୍ ସାର୍...

ଶିକ୍ଷକ: ଗୁଡ୍ ମର୍ନିଙ୍ଗ୍

ପିଲାମାନେ: ସାର୍... ଶୁଣନ୍ତୁ... ଆପଣ ବିଭାଜନ ବିଷୟରେ କିଛି କହୁଥିଲେ... ଆପଣ କହୁଥିଲେ ଯେ ତୁମେ ବହୁତ କିଛି ହରାଇଛ... ଏବେ କୁହନ୍ତୁ ନା ବିଭାଜନରେ କ'ଣ ସବୁ ହୋଇଥିଲା...

ଶିକ୍ଷକ: ୨୦ ଫେବୃଆରୀ ୧୯୪୭ରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ ଅଟଲି ହାଉସ୍ ଅଫ୍ କମନ୍ସରେ ଘୋଷଣା କରିଥିଲେ ଯେ...

ପିଲା: ସାର୍... ଏହା ପରର ଘଟଣା ମୁଁ କହୁଛି... ମୁଁ ଜାଣିଛି...

ଶିକ୍ଷକ: ହଁ... କୁହ...

ପିଲା ୧: ହଁ... ବନ୍ଧୁଗଣ... ୧୯୪୮ ଜୁନ୍ ୩୦ ପୂର୍ବରୁ..

ଶିକ୍ଷକ: ଆରେ ପୁନମ... ସେଠି ଛିଡ଼ାହୋଇ କ'ଣ କହୁଛ... ଏଠାକୁ ଆସି ସମସ୍ତଙ୍କୁ ଶୁଭିଲା ଭଳି କୁହ...

ପିଲା ୨: ଆଜ୍ଞା ସାର୍...

ହଁ... ତ ବନ୍ଧୁଗଣ... ୧୯୪୮ ଜୁନ୍ ୩୦ ପୂର୍ବରୁ ସରକାର... କ୍ଷମତା ହସ୍ତାନ୍ତର କରି ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ।

ପିଲା ୩: ସାର୍, ମୁଁ...

ଶିକ୍ଷକ: ହଁ, ତୁମେ କୁହ...

ପିଲା ୪: କିନ୍ତୁ ଲର୍ଡ ମାଉଣ୍ଟବ୍ୟାଟେନଙ୍କ ଯୋଗୁଁ ପୂରା ପ୍ରକ୍ରିୟା ଏକ ବର୍ଷ ପୂର୍ବରୁ ସମ୍ପନ୍ନ ହୋଇଯାଇଥିଲା।

ପିଲା ୫: ହଁ ସାର୍... ୧୯୪୭ ମସିହା ମେ' ୩୧ ତାରିଖରେ ଲର୍ଡ ମାଉଣ୍ଟବ୍ୟାଟେନ୍ ଲଣ୍ଡନରୁ କ୍ଷମତା ହସ୍ତାନ୍ତର ପାଇଁ ଅନୁମୋଦନ ପାଇ ନୂଆଦିଲ୍ଲୀ ଫେରିଥିଲେ।

ଶିଶୁ ୬: ମୋର ବି ମନେ ପଡ଼ିଲା... ୧୯୪୭ ମସିହା ଜୁନ୍ ୨ ତାରିଖର ଐତିହାସିକ ବୈଠକରେ ବିଭାଜନ ଯୋଜନା ଉପରେ ମୋଟାମୋଟି ସହମତି ହୋଇଥିଲା।

ଶିଶୁ ୭: ହଁ ସାର୍... ଭାରତ ବିଭାଜନ ନିଷ୍ପତ୍ତି ଗୋଟିଏ ପୂର୍ବ ସର୍ତ୍ତ ଭଳି ଥିଲା। ଭାରତ ଭଳି ଦେଶର ବିଭାଜନ ଧର୍ମ ଭିତ୍ତିରେ ହେବାର ଯୋଜନାକୁ ବ୍ୟାପକ ରୂପେ ବିରୋଧ କରାଗଲା।

ଶିଶୁ ୧: କୁହାଯାଏ ଯେ ବିଭାଜନ ପାଇଁ କେବଳ ସେହି ନେତାମାନେ ମାନସିକ ସ୍ତରରେ ପ୍ରସ୍ତୁତ ଥିଲେ, ଯେଉଁମାନଙ୍କୁ ଏହି ବିଭାଜନରେ ନିଜର ସ୍ୱାର୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ ଦିଶୁଥିଲା।

ଶିକ୍ଷକ: ପିଲେ, ତୁମମାନଙ୍କୁ ତ ବହୁତ କଥା ଜଣା... ଏବେ ପରବର୍ତ୍ତୀ କ୍ଲାସ ଆରମ୍ଭ ହେବା ପୂର୍ବରୁ ଆମେ ଟିକେ ବିରତି ନେଇଯିବା...

ସବୁ ପିଲା: ଠିକ୍ ଅଛି ସାର୍...

ଗୀତ: ବନ୍ଦେ ମାତରମ୍, ବନ୍ଦେ ମାତରମ୍
ବନ୍ଦେ ମାତରମ୍, ବନ୍ଦେ ମାତରମ୍
ବନ୍ଦେ ମାତରମ୍, ବନ୍ଦେ ମାତରମ୍
ବନ୍ଦେ ମାତରମ୍, ବନ୍ଦେ ମାତରମ୍

ସୂତ୍ରଧର ୧: ଭାଇ, ବିଭାଜନକୁ ନେଇ ତୁମର ମତ କ'ଣ?

ସୂତ୍ରଧର ୨: ଭାଇ, ବିଭାଜନକୁ ପ୍ରୋତ୍ସାହିତ କଲେ ସମାଜରେ ଉନ୍ନତି ହେବ। ବିଭିନ୍ନ ସମ୍ପ୍ରଦାୟକୁ ନିଜର ଅଧିକାର ମିଳିବ।

ସୂତ୍ରଧର ୧: ନା ନା, ବିଭାଜନ ଦ୍ୱାରା ସେମିତି କିଛି ହେବ ନାହିଁ, ସମାଜର ବିକାଶ କେବଳ ଏକତା ମାଧ୍ୟମରେ ହିଁ ସମ୍ଭବ। ଆମେ ସମସ୍ତେ ଏକାଠି ହୋଇ ସମୃଦ୍ଧି ପଥରେ ଆଗକୁ ବଢ଼ିବା ଦରକାର।

ସୂତ୍ରଧର ୨: ତୁମ କଥା ଠିକ୍, କିନ୍ତୁ ବାସ୍ତବତା ହେଉଛି ଯେ ସବୁକିଛି କେବଳ ବିଭାଜନ ଦ୍ୱାରା ସମ୍ଭବ ହେବ।

ସୂତ୍ରଧର ୧: ନା ନା... ଆମେ ସମସ୍ତେ ମିଳିମିଶି ଦେଶକୁ ପ୍ରଗତି ପଥରେ ନେବା ଉଚିତ। ଏବଂ ବିଭାଜନର ଭୟାବହତାକୁ ଦୂର କରିବା ଦରକାର।

ସୂତ୍ରଧର ୨: ତୁମେ କ'ଣ ଭାବୁଛ... ଏହି ବାର୍ତ୍ତାକୁ ଆମେ ସମସ୍ତେ ମିଳିମିଶି ଗ୍ରହଣ କରିପାରିବା?

ସହାୟକ ୧: କାହିଁକି ଗ୍ରହଣ କରିପାରିବାନି... ଏଥିପାଇଁ ଆମ ସମସ୍ତଙ୍କୁ ଏକଜୁଟ ହୋଇ ରହିବାକୁ ପଡ଼ିବ। ଏହି ଏକତା ହିଁ ଆମର ଶ୍ରେଷ୍ଠ ପନ୍ଥା, ଏହାକୁ ଅକ୍ଷୁଣ୍ଣ ରଖିବାକୁ ପଡ଼ିବ।

ସୂତ୍ରଧର ୨: ଠିକ୍ ଅଛି, କିନ୍ତୁ ମୋତେ କୁହ ଅଖଣ୍ଡ ଭାରତ ବିଭାଜନ ସମୟରେ ଆଉ କ'ଣ ସବୁ ଘଟିଥିଲା...

ସୂତ୍ରଧର ୧: ଏ ସମ୍ପର୍କରେ ତୁମକୁ ସେଇ ଲୋକମାନେ କହିପାରିବେ ଯେଉଁମାନେ ଏହା ଏହାର ଦୁର୍ଦ୍ଦଶା ଭୋଗିଛନ୍ତି...

ଗୀତ: ବନ୍ଦେ ମାତରମ୍, ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍।

ପିଲାମାନେ: ଗୁଡ୍ ଆଫ୍ଟର୍‌ନୁନ୍ ସାର୍...

ଶିକ୍ଷକ: ଗୁଡ୍ ଆଫ୍ଟର୍‌ନୁନ୍... ସିଟ୍ ଡାଉନ୍। ହଁ, ଏବେ ଆଗକୁ ବଢ଼ିବା... ତା' ପରେ କ'ଣ ହେଲା ଶୁଣ... ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍‌ର ବୈଠକ ୯ ଜୁନ୍ ୧୯୪୭ରେ ନୂଆଦିଲ୍ଲୀର ଇମ୍ପେରିଆଲ୍ ହୋଟେଲରେ ଅନୁଷ୍ଠିତ ହୋଇଥିଲା।

ପିଲା: ଭାରତୀୟ ମୁସଲିମ ଲିଗ୍ ସମେତ ସେ ସମୟର କଂଗ୍ରେସ ତଥା ଅନେକ ନେତାଙ୍କ ଅପାରଗତା ବା ଅନୁଚିତ ମହତ୍ତ୍ୱାକାଂକ୍ଷା କାରଣରୁ ଏହି ପଦକ୍ଷେପର ଯଥାସମ୍ଭବ ବିରୋଧ କରାଗଲାନାହିଁ। କଂଗ୍ରେସ ନେତା ପଣ୍ଡିତ ଜବାହରଲାଲ ନେହରୁ ଓ ମୁସଲିମ ଲିଗ୍‌ର ଜିନ୍ନାଙ୍କ ମଧ୍ୟରେ ଦ୍ୱନ୍ଦ୍ୱର ପରିଣାମ ଦେଶକୁ ବିଭାଜନର ରୂପରେ ଭୋଗିବାକୁ ପଡ଼ିଲା।

ପିଲା ୧: ଓଃ... ସାର୍... ସାର୍... ଏହା ପର କଥା ମୁଁ ଜାଣିଛି...

ଶିକ୍ଷକ: ଆରେ ପୁନମ, ତୁମକୁ ତ ସବୁ ଜଣା... ସେମିତି ବି, ବାଣ୍ଟିଲେ ହିଁ ଜ୍ଞାନ ବଢ଼େ... ବାଣ୍ଟି ଚାଲ...

ପିଲା ୧: ବନ୍ଧୁଗଣ... ବିଭାଜନ ଦାବିର ପ୍ରସ୍ତାବ ପ୍ରାୟ ସର୍ବସମ୍ମତିକ୍ରମେ ପାରିତ ହୋଇଗଲା।

ପିଲା ୨: ଯାହା ସପକ୍ଷରେ ୩୦୦ଟି ଭୋଟ୍ ଓ ବିରୋଧରେ ମାତ୍ର ୧୦ଟି ଭୋଟ୍ ପଡ଼ିଲା।

ପିଲା ୩: ଦେଖୁ ଦେଖୁ ଭାରତ ଓ ପାକିସ୍ତାନ ଦୁଇଭାଗରେ ବିଭକ୍ତ ହୋଇଗଲା।

ପିଲା ୫: ଧର୍ମ ଆଧାରରେ ବେଙ୍ଗଲର ପୂର୍ବ ଭାଗ ମଧ୍ୟ ଅଲଗା ହୋଇ ପାକିସ୍ତାନରେ ସାମିଲ ହୋଇଗଲା।

ଜେଜେ: ୧୯୪୬ ଓ ୧୯୪୭ ମସିହାରେ ଭାରତର ବିଭିନ୍ନ ସ୍ଥାନରେ ଘଟିଥିବା ସାମ୍ପ୍ରଦାୟିକ ହିଂସାର ବ୍ୟାପକତା ଓ ବର୍ବରତା ସମ୍ପର୍କରେ ଅନେକ ସ୍ଥାନରେ ବିସ୍ତୃତ ଭାବରେ ଲେଖାଯାଇଛି। ତାହା ଥିଲା ୧୯୪୭ ମସିହା ମାର୍ଚ୍ଚ ୪ ତାରିଖ। ପୁଲିସ ହିନ୍ଦୁ ଓ ମୁସଲମାନମାନଙ୍କ ଏକ ଶୋଭାଯାତ୍ରା ଉପରେ ଗୁଳି ଚଳାଇଦେଲା।

ସୂତ୍ରଧର ୨: ଦେଖୁ ଦେଖୁ ୬  ମାର୍ଚ୍ଚର ସକାଳ ଭିତରେ ଅମୃତସର, ଜଳନ୍ଧର, ରାୱଲପିଣ୍ଡି, ମୁଲତାନ ଓ ସିଆଲକୋଟ ସମେତ ପଞ୍ଜାବର ସମସ୍ତ ସହରକୁ ଦଙ୍ଗାର ନିଆଁ ଗ୍ରାସ କରିଯାଇଥିଲା।

ସୂତ୍ରଧର ୧: ପଞ୍ଜାବ ତୁଳନାରେ ବେଙ୍ଗଲରେ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ବିସ୍ଥାପନ ଓ ପୁନର୍ବାସର ରୂପ ସମ୍ପୂର୍ଣ୍ଣ ଅଲଗା ଥିଲା।

ସୂତ୍ରଧର ୨: ବେଙ୍ଗଲର ଲୋକେ ବହୁତ ହତଭାଗା ଥିଲେ...

ସୂତ୍ରଧର ୧: କାହିଁକି...

ସୂତ୍ରଧର ୨: କାରଣ... ବଙ୍ଗବାସୀଙ୍କୁ ଦୁଇ ଦୁଇଥର ବିସ୍ଥାପିତ ହେବାକୁ ପଡ଼ିଥିଲା।

ସୂତ୍ରଧର ୧: ଦୁଇ... ଦୁଇ... ଥର...

ସୂତ୍ରଧର ୨: ହଁ... ଦୁଇଥର।

ସୂତ୍ରଧର ୧: ଥରେ ସମସ୍ତଙ୍କୁ ନିଜ ଘର ଛାଡ଼ି ପୂର୍ବ ପାକିସ୍ତାନ ଯିବାକୁ ପଡ଼ିଲା।

ସୂତ୍ରଧର ୨: ଆଉ ତା'ପରେ ସେମାନଙ୍କୁ ପୁଣି ଥରେ ସେଠାରୁ ପଶ୍ଚିମବଙ୍ଗ ଆସିବାକୁ ପଡ଼ିଲା...

ସୂତ୍ରଧର ୧: ଭାଇ... ସେଠାକାର କର୍ତ୍ତୃପକ୍ଷ ବିଭାଜନ ଦ୍ୱାରା ସୃଷ୍ଟି ହୋଇଥିବା ସଙ୍କଟର ଗମ୍ଭୀରତାକୁ କମ୍ ଆକଳନ କରିଥିଲେ।

ସୂତ୍ରଧର ୧: ହଜାର ହଜାର ହିନ୍ଦୁ ପରିବାର ଢାକା ଓ ଏହାର ଆଖପାଖ ଅଞ୍ଚଳ ଛାଡ଼ି ସିଆଲଦା ଚାଲିଆସିଥିଲେ।

ସୂତ୍ରଧର ୨: ଫେରିବା ଏତେ ସହଜ ନଥିଲା... ବାଟରେ ଜଣେ ଜଣେ କରି ସବୁ ମହିଳାଙ୍କ ଠାରୁ ଗହଣାଗାଣ୍ଠି ଛଡ଼ାଇ ନିଆଗଲା... ସେମାନଙ୍କୁ ବିଭିନ୍ନ ଉପାୟରେ ନିର୍ଯାତନା ଦିଆଯାଉଥିଲା।

ସୂତ୍ରଧର ୧: ଶିଶୁ, ମହିଳା, ବୃଦ୍ଧାମାନଙ୍କ ପ୍ରତି ଅମାନବୀୟ ଆଚରଣ କରାଗଲା...

ସୂତ୍ରଧର ୨: ମହିଳା ହୁଅନ୍ତୁ, ଶିଶୁ ହୁଅନ୍ତୁ ବା ବୃଦ୍ଧା... ସମସ୍ତଙ୍କ ସହିତ ଦୁର୍ବ୍ୟବହାର ହୋଇଥିଲା...

ସୂତ୍ରଧର ୧: ହଁ ସତ କଥା... ବିଭାଜନ ସମୟରେ ମହିଳାମାନଙ୍କୁ ଅନେକ କ୍ଷତି ସହିବାକୁ ପଡ଼ିଥିଲା।

ସୂତ୍ରଧର ୨: ଲକ୍ଷ ଲକ୍ଷ ପରିବାର ନିଜ ପରିବାରଠାରୁ ଅଲଗା ହୋଇଗଲେ।

ସୂତ୍ରଧର ୧: ଖାଲି ଏତିକି ନୁହେଁ, ସେଠାରେ ଲୋକମାନେ ଟ୍ରେନ୍‌ରେ ଜୀବିତାବସ୍ଥାରେ ଚଢ଼ିଥିଲେ, କିନ୍ତୁ ଏଠାକୁ ସେମାନେ ଶବଗଦା ହୋଇ ପହଞ୍ଚିଥିଲେ।

(ଶିଶୁଟି କାନ୍ଦିବାକୁ ଲାଗିଲା...)

ଜେଜେ: କାନ୍ଦନା ରେ ବାବୁ... ଚୁପ୍ ହୋଇଯା...

ଶିଶୁ: ଜେଜେ... ଢାକାରୁ ଆସିଥିବା ଲୋକମାନଙ୍କର କ'ଣ ହେଲା? ସେମାନଙ୍କର ତ ସବୁକିଛି ଲୁଟି ନିଆଯାଇଥିଲା...

ଜେଜେ : ଏହାକୁ ନେଇ ମଧ୍ୟ ଅଜବ କାହାଣୀ ରହିଛି, କୁହାଯାଏ ନାହିଁ କି... ନା ଘରର ହେଲୁ ନା ଘାଟର...

ଶିଶୁ : ଏମିତି କାହିଁକି?

ଜେଜେ: ସେମାନେ ଘରଦ୍ୱାର ଛାଡ଼ି ଯେତେବେଳେ ପୁଣି ଏହି ଦେଶକୁ ଫେରିଲେ... ନିଜ ଦେଶରେ ଶରଣାର୍ଥୀ ହୋଇ ରହିଗଲେ।

ଗୀତ: ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା

ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା

ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।

ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।

ଚରିତ୍ର ୩: ପୂର୍ବ ପାକିସ୍ତାନରୁ ଏତେ ସଂଖ୍ୟକ ଲୋକ ବେଙ୍ଗଲ ଚାଲିଆସିଲେ ଯେ ସମ୍ପର୍କୀୟ କାହା ଘରେ ଆଉ ଏକ ଇଞ୍ଚ ଜାଗା ବାକି ରହିଲା ନାହିଁ।

ଚରିତ୍ର ୪: ଚିଟାଗଙ୍ଗ, ନାରାୟଣଗଞ୍ଜ, ବରିଶାଲ ଓ ଚାନ୍ଦପୁରରୁ ଶରଣାର୍ଥୀମାନଙ୍କୁ କଲିକତା ଆଣିବା ପାଇଁ ପନ୍ଦରଟି ଷ୍ଟିମର୍ ବ୍ୟବସ୍ଥା କରିଥିଲେ।

ଚରିତ୍ର ୩: ପୂର୍ବ ପାକିସ୍ତାନରୁ ଲୋକେ ଜଳପଥ ଦେଇ ପଳାଇ ଥିଲେ... ଅନେକ ଡଙ୍ଗା... ପାଣିରେ ବୁଡ଼ିଗଲା... କିଛି ଦିନ ପରେ ଭାସୁଥିବା ମୃତଦେହରେ ଜଳପୃଷ୍ଠ ଆଚ୍ଛାଦିତ ହୋଇଯାଇଥିଲା...

ଚରିତ୍ର ୩ ଓ ୪: ଆମ ମାଟିରେ ଏମିତି ବିଶେଷତା କ'ଣ ଥିଲା... ଯେଉଁଥିପାଇଁ ଆମେ ସବୁକିଛି ହରାଇଥିଲୁ...

ଚରିତ୍ର ୩: ବଙ୍ଗଳା, ପଞ୍ଜାବ, ଗୁଜରାଟ, ସିନ୍ଧ୍, ଚାରିଆଡ଼େ ବିଭାଜନର ନିଆଁ ଲାଗିଥିଲା।

ଚରିତ୍ର ୪: ସିନ୍ଧ୍‌ର ଲୋକମାନେ ବିସ୍ଥାପିତ ହୋଇ ଏଠାକୁ ଆସିଥିଲେ, କିନ୍ତୁ... ସିନ୍ଧ୍ ଆମକୁ ମିଳିଲା ନାହିଁ...

ସୂତ୍ରଧର ୧: ସିନ୍ଧ୍ ବିଷୟରେ କହିବାକୁ ଗଲେ- ଅଧିକାଂଶ ସିନ୍ଧି ପରିବାର ରାଜସ୍ଥାନକୁ ଆସିଥିଲେ।

(ସିନ୍ଧି ପରିବାର ରୂପରେ)

ସିନ୍ଧି ପୁରୁଷ: ବିଭାଜନ ପରେ ପାକିସ୍ତାନରୁ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଆସିଥିଲେ ଏବଂ ରାଜସ୍ଥାନ ସେହି ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁଠାରେ ଶରଣାର୍ଥୀମାନେ ବହୁ ସଂଖ୍ୟାରେ ପହଞ୍ଚିଥିଲେ।

ସିନ୍ଧି ମହିଳା: ରାଜସ୍ଥାନରେ ଆମ ଭଳି ଶରଣାର୍ଥୀଙ୍କୁ ରିଲିଫ ଓ ଥଇଥାନ ବ୍ୟବସ୍ଥା କରିବା ଏକ ବଡ଼ ଆହ୍ୱାନ ଥିଲା।

ସିନ୍ଧି ପୁରୁଷ: ଆମେ ଆସିଲା ପରେ ରାଜସ୍ଥାନର ସାଂସ୍କୃତିକ ଢାଞ୍ଚା ମଧ୍ୟ ବଦଳିଗଲା। ଆମେ ଭିନ୍ନ ଦେଖାଯିବା ଆରମ୍ଭ କଲୁ। ଆମର ସଂସ୍କୃତି, ଭାଷା ଓ ପରମ୍ପରା ସବୁ ବଦଳିଗଲା।

ସିନ୍ଧି ମହିଳା: ସିନ୍ଧରେ ମୋର ଏକ ବଡ଼ ବ୍ୟବସାୟ ଥିଲା। ଏଠାରେ ମୋ ପିଲାମାନେ ଦିନକୁ ଦୁଇ ଓଳି ଖାଇବାକୁ ମଧ୍ୟ ପାଉନଥିଲେ।

ସିନ୍ଧି ପୁରୁଷ: ଏଠାରେ ମୋ ଦୋକାନ ଓ ଘରଦ୍ୱାର ଲୁଟ୍ ହୋଇଛି।

ସିନ୍ଧି ମହିଳା: ସେହି ଭୟଙ୍କର ରାତିର କଥା କେମିତି ମନେ ପକାଇବି ବାବୁ... ଯେତେବେଳେ ମୁଁ ମୋ ପିଲାମାନଙ୍କୁ କାଖେଇ ଦୌଡ଼ିଥିଲି।

ସିନ୍ଧି ପୁରୁଷ : ଦୌଡ଼ିବା, ଲୁଚି ରହିବା, ଏ ମଧ୍ୟରେ କୌଣସି ପ୍ରକାରେ ରାଜସ୍ଥାନର ବିକାନେରରେ ଥିବା ଜଣେ ଦୂର ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲୁ।

ସିନ୍ଧି ମହିଳା: ବାଟରେ ଆମର ଅନେକ ସମ୍ପର୍କୀୟ ଅଲଗା ହୋଇଯାଇଥିଲେ, ଏବଂ ସେବେଠାରୁ ଆମେ ସେମାନଙ୍କୁ ଦେଖିନାହୁଁ। କିଛି ଲୋକ ଝୁଂଝୁଂନୁରେ ରହୁଥିଲେ।

ସିନ୍ଧି ମହିଳା: ଆମର ସମ୍ପର୍କୀୟମାନେ କେତେଦିନ ପର୍ଯ୍ୟନ୍ତ ଆମକୁ ରଖିପାରିଥାନ୍ତେ? ଶେଷରେ ଆମକୁ ଶରଣାର୍ଥୀ ଶିବିରକୁ ଆସିବାକୁ ପଡ଼ିଲା। ହସଖୁସିର ପରିବାର, ଗାଁ, ସହର କିପରି ନଷ୍ଟ ହୁଏ... କେହି ଆମକୁ ପଚାରିପାରେ।

ସୂତ୍ରଧର: ପାକିସ୍ତାନରୁ ଲୋକେ ଜମ୍ମୁ କାଶ୍ମୀର ଆଡକୁ ପଳାଇଲେ, ପଂଜାବ ଆଡକୁ ଗଲେ, ଗୁଜୁରାଟ, ବଙ୍ଗଳା, ରାଜସ୍ଥାନ ଆଡକୁ ଲକ୍ଷ ଲକ୍ଷ ଲୋକ ଆସିଲେ...

(ଦିହେଁ ଚିତ୍କାର କରିବା ପୂର୍ବକ କାନ୍ଦିବାରେ ଲାଗିଲେ)

ଗୀତ : ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା
ଆଖିରୁ ଝରୁଛି ଏ ଯନ୍ତ୍ରଣାର ଧାରା
ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।
ଜୀବନର ରାହା ନାହିଁ, ତୁଟିଗଲା କେତେ ଯେ ବନ୍ଧୁତା।

ଶିଶୁ: ଜେଜେବାପା... ମୁଁ ଆଉ କିଛି ଶୁଣିବାକୁ ଚାହୁଁନାହିଁ...

ଜେଜେ: ହଁରେ ବାବୁ, ଆମ ଦେଶର ଇତିହାସର ଏହି କଳା ଅଧ୍ୟାୟ ଏମିତି ଯେ କେହି ତାହା ଶୁଣିପାରନ୍ତି ନାହିଁ... ହୃଦୟ ବିଦାରକ ଘଟଣା... ଏହା ଶୁଣି ପଥର ହୃଦୟର ମଣିଷ ସୁଦ୍ଧା ତରଳି ଯାଏ। ତୁ ତ ଛୋଟ ପିଲା... ଏବେ ମୁଁ ସେଇ କଥା କହୁଛି ଯାହା ଆମେ ସମସ୍ତ କରିବା ଉଚିତ!

ସୂତ୍ରଧର ୧ ଏବଂ ୨: ଯେଉଁଠି ଜୀବନର ପ୍ରତିଟି ସକାଳ ସ୍ମିତହସରେ ପୁଲକିତ ହୋଇଉଠୁଥିଲା... ସେଠାକାର ଦୃଶ୍ୟ ଦେଖି ଲୁହ ବି ଲହୁରେ ପରିଣତ ହୋଇଗଲା...

ଚରିତ୍ର ୩ ଓ ୪: ତୁମ କାନ୍ଧର ବୋଝ ସେତେଟା ଯନ୍ତ୍ରଣାଦାୟକ ନୁହେଁ... ଆତଙ୍କବାଦ, ଯୁଦ୍ଧ ଓ ନିଷ୍ଠୁରତାର ବୋଝ ସହ ତୁଳନା କଲେ...

ଚରିତ୍ର ୧: ବିଭାଜନର ବିଭୀଷିକା ସମୟରେ ପ୍ରାଣ ହରାଇଥିବା ଏବଂ ବିସ୍ଥାପିତ ହେବାର ଯନ୍ତ୍ରଣା ଭୋଗୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କୁ ଆମେ ଶତ ପ୍ରଣାମ କରୁଛୁ।

ଚରିତ୍ର ୨: ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଦରକାର।

ଚରିତ୍ର ୩: ବିଭାଜନର ରାଜନୈତିକ ଖେଳରେ ଜଣେ ଭାଇର ମନରେ ଅନ୍ୟ ଭାଇର ବିରୋଧରେ ବିଷ ବୁଣାଯାଇଥିଲା।

ଚରିତ୍ର ୪: ଏହି ବିଷ ଦ୍ୱାରା ହିଁ ମନୁଷ୍ୟ ମନୁଷ୍ୟକୁ ମାରିଲା, ମଣିଷ-ମଣିଷ ମଧ୍ୟରେ ବିଭାଜନ ହେଲା। ଜଣେ ଆର ଜଣକୁ ହରାଇଲା। ଆମର ଅଖଣ୍ଡ ଭାରତ ଖଣ୍ଡିତ ହୋଇଗଲା।

ଜେଜେ: ଯାହା ଘଟିଲା, ଘଟିଲା... ଶୁଣ, ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମହୋଦୟ କ'ଣ କହିଛନ୍ତି:

ପ୍ରଧାନମନ୍ତ୍ରୀ ମହୋଦୟଙ୍କ ସ୍ୱର: ଦେଶ ବିଭାଜନର ପୀଡାକୁ କେବେ ସୁଦ୍ଧା ଭୁଲି ହେବ ନାହିଁ। ଦ୍ୱେଷ ଓ ହିଂସା କାରଣରୁ ଆମର ଲକ୍ଷ ଲକ୍ଷ ଭାଇ ଭଉଣୀଙ୍କୁ ବିସ୍ଥାପିତ ହେବାକୁ ପଡିଲା, ନିଜର ଜୀବନ ହରାଇବାକୁ ପଡିଲା। ସେମାନଙ୍କ ସଂଘର୍ଷ ଓ ବଳିଦାନର ସ୍ମୃତିରେ ୧୪ ଅଗଷ୍ଟକୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ରୂପେ ପାଳନ କରିବା ପାଇଁ ଆମେ ନିର୍ଣ୍ଣୟ ନେଇଛୁ।

ଚରିତ୍ର ୧: ଯଦି କେହି ଆମ ଭିତରେ ମିଥ୍ୟା ଧର୍ମ ଓ ଜାତିକୁ ନେଇ ଛଳନା କରେ, ଅବା କେହି ପ୍ରପଞ୍ଚ କରେ, ଆମେ ତାଙ୍କ କଥାରେ ପଡିବା ନାହିଁ...

ସମସ୍ତେ: ଆମେ କାହା କଥାରେ ପଡିବା ନାହିଁ

ପାତ୍ର ୧: ଭାରତ ଦେଶକୁ ଅଖଣ୍ଡ ରଖିବା

ସମସ୍ତେ: ଭାରତ ଦେଶକୁ ଅଖଣ୍ଡ ରଖିବା

ପାତ୍ର ୪: ଅଖଣ୍ଡତା ଓ ଏକାଗ୍ରତା ସହିତ ଆମେ ଭାରତମାତାକୁ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ବକ ବିକଶିତ କରିବୁ।

ସମସ୍ତେ: ଆମର ଭାରତମାତାକୁ ବିକଶିତ କରିବା

ହଁ, ସମସ୍ତେ ଆସ ଆଜି ପ୍ରତିଜ୍ଞା କରିବା

ଭାରତ ମାତା କୀ ଜୟ... ଭାରତ ମାତା କୀ ଜୟ

ଗୀତ: ବନ୍ଦେ ମାତରମ୍, ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍।